ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ପାଠ୍ୟକ୍ରମ – ୧୬

# ଓଡ଼ିଆ ସ୍ନାତକୋତ୍ତର ପ୍ରକଳ୍ପ ରଚନା ମାର୍ଗଦର୍ଶିକା

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ସମ୍ବଲପୁର, ଓଡ଼ିଶା

# ସୂଚୀପତ୍ର


| କ୍ରମିକ. ସଂଖ୍ୟା | ବିଷୟ | ପୃଷ୍ଠା |
|---|---|---|
| ୧ | ୧.୦ ଉପକ୍ରମ<br>୧.୧ ପ୍ରକଳ୍ପ ରଚନାର ଉଦ୍ଦେଶ୍ୟ<br>୧.୨ ଶିକ୍ଷଣୀୟ ବିଷୟ | ୩ |
| ୨ | ୨. ପ୍ରକଳ୍ପ ଦିଗ୍‌ଦର୍ଶକ<br>୨.୧ ଦିଗ୍‌ଦର୍ଶକଙ୍କ ଭୂମିକା<br>୨.୨ ବିଦ୍ୟାର୍ଥୀଙ୍କ ଦାୟିତ୍ୱ<br>୨.୩ ଅଧ୍ୟୟନ କେନ୍ଦ୍ରର ଭୂମିକା | ୩-୪ |
| ୩ | ୩. ପ୍ରକଳ୍ପ ପ୍ରସ୍ତାବ | ୪ |
| ୪ | ୪.୦ ପ୍ରକଳ୍ପ ରଚନାର ବିଧି<br>୪.୧ ଶୀର୍ଷକ ପୃଷ୍ଠା<br>୪.୨ ପ୍ରମାଣ ପତ୍ର<br>୪.୩ ସ୍ୱୀକାର ପତ୍ର<br>୪.୪ କୃତଜ୍ଞତା<br>୪.୫ ସାରମର୍ମ<br>୪.୬ ସୂଚୀପତ୍ର<br>୪.୭ ଉପକ୍ରମ<br>୪.୮ ପ୍ରସଙ୍ଗ ଆଲୋଚନା<br>୪.୯ ଉପସଂହାର<br>୪.୧୦ ଫଳାଫଳ ବିଶ୍ଳେଷଣ/ ନିଷ୍କର୍ଷ<br>୪.୧୧ ବିଶ୍ଳେଷଣ ଓ ଆଲୋଚନା<br>୪.୧୨ ସହାୟକ ଗ୍ରନ୍ଥସୂଚୀ<br>୪.୧୩ ପରିଶିଷ୍ଟ | ୪-୬ |
| ୫ | ୫.୦ ଅଳଙ୍କରଣ ବିଧି<br>୫.୧ ପରିଚ୍ଛେଦ ବିଭାଗୀକରଣ<br>୫.୨ ଲିଖନ ଶୈଳୀ | ୬ |
| ୬ | ୬.୦ ପ୍ରକଳ୍ପ ଦାଖଲର ତାରିଖ | ୬ |
| ୭ | ୭. ପ୍ରକଳ୍ପ ରଚନା ନିମିତ୍ତ ନୈତିକତା ବିଧି (Dissertation Ethics : Plagarism) | ୬ |
| ୮ | ୮. ପ୍ରକଳ୍ପ ମୂଲ୍ୟାଙ୍କନ ବିଧି | ୭ |
| ୯ | ୯. ପ୍ରକଳ୍ପ ରଚନାର ନମୁନା ଶୀର୍ଷକ | ୭ |
| ୧୦ | ନମୁନା ପ୍ରମାଣ ପତ୍ର / କୃତଜ୍ଞତା ସ୍ଥାପନ / ସ୍ୱୀକାରୋକ୍ତି | ୯-୧୧ |

## ୧.୦ ଉପକ୍ରମ :

ସ୍ନାତକୋତ୍ତର ଓଡ଼ିଆ କାର୍ଯ୍ୟକ୍ରମର ପ୍ରତ୍ୟେକ ବିଦ୍ୟାର୍ଥୀ ପାଠ୍ୟକ୍ରମ - ୧୬ ନିମିତ୍ତ ଏକ ଗବେଷଣା ପ୍ରକଳ୍ପ ଜଣେ ଦିଗ୍‌ଦର୍ଶକଙ୍କ ସାହାଯ୍ୟ ନେଇ ରଚନା କରି ଉଲ୍ଲିଖିତ ସମୟ ମଧ୍ୟରେ ଦାଖଲ କରିବେ। ଗବେଷଣା ପ୍ରକଳ୍ପଟି ବିଶ୍ୱବିଦ୍ୟାଳୟ ପରୀକ୍ଷାର ଅଂଶବିଶେଷ ହୋଇଥିବାରୁ, ଏହାର ରଚନାବିଧି ନିମ୍ନରେ ପ୍ରଦାନ କରାଗଲା। ଏହାଦ୍ୱାରା ଜଣେ ବିଦ୍ୟାର୍ଥୀ ଗବେଷଣା ପ୍ରକଳ୍ପ ରଚନାର ସମସ୍ତ କୌଶଳ ଏବଂ ଜ୍ଞାନ ଆହରଣ କରିପାରିବେ, ଏହି ମାର୍ଗଦର୍ଶିକା ପୁସ୍ତିକାଟି ଏହି ଜ୍ଞାନ ପ୍ରଦାନରେ ସହାୟକ ହେବ।

## ୧.୧ ପ୍ରକଳ୍ପ ରଚନାର ଉଦ୍ଦେଶ୍ୟ

- ଗବେଷଣା ପ୍ରକଳ୍ପ ଚିହ୍ନଟ ଓ ଶୀର୍ଷକ ଚୟନ
- ଗବେଷଣା ବିଧିର ପ୍ରୟୋଗ ଯାହା ପୂର୍ବରୁ ଅଧ୍ୟୟନ କରାଯାଇଛି (ପାଠ୍ୟକ୍ରମ – ୧୫)
- ମୁକ୍ତ ଭାବରେ ପ୍ରକଳ୍ପ ଚୟନ
- ପ୍ରକଳ୍ପ ଚିହ୍ନଟ କରି ଗବେଷଣା ପଦ୍ଧତି ମାଧ୍ୟମରେ ପ୍ରକଳ୍ପ ରଚନା
- ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରକଳ୍ପ ରଚନା ଶେଷ କରିବାର କୌଶଳ ଓ ପ୍ରଣାଳୀ

## ୧.୨ ଶିକ୍ଷଣୀୟ ବିଷୟ

ପ୍ରକଳ୍ପ ରଚନାପରେ ଜଣେ ବିଦ୍ୟାର୍ଥୀ ନିମ୍ନ ପ୍ରସଙ୍ଗଗୁଡ଼ିକ ଜାଣିପାରିବେ

- ଉପଲବ୍ଧ ଥିବା ବିଷୟ / ସମସ୍ୟା ମଧ୍ୟରୁ ଗବେଷଣା ପ୍ରକଳ୍ପ ଚୟନ କ୍ଷମତା
- ଗବେଷଣା ପ୍ରକଳ୍ପରେ ନକ୍ସା ତିଆରି କରିପାରିବା, ବିଶ୍ଳେଷଣ କରିପାରିବାର କ୍ଷମତା
- ଗବେଷଣା ପଦ୍ଧତି ମାଧ୍ୟମରେ ସମସ୍ୟାକୁ ବିଶ୍ଳେଷଣ କରିପାରିବାର କ୍ଷମତା
- ଗବେଷଣା ପ୍ରକଳ୍ପ ରଚନା ସମୟରେ ବାସ୍ତବ ସମସ୍ୟାର ସମ୍ମୁଖୀନ ହେବା ଓ ତାକୁ ଅତିକ୍ରମ କରି ସମୟାନୁବର୍ତ୍ତୀ ହୋଇପାରିବା

## ୨.୦ ପ୍ରକଳ୍ପର ଦିଗ୍‌ଦର୍ଶକ

ବିଦ୍ୟାର୍ଥୀ ଗବେଷଣା ପ୍ରକଳ୍ପ ରଚନା ସମୟରେ ତାଙ୍କୁ ଜଣେ ଦିଗ୍‌ଦର୍ଶକ ମାର୍ଗଦର୍ଶକ ହେବେ। ଜଣେ ପି.ଏଚ୍.ଡ଼ି ଡ଼ିଗ୍ରୀ ହାସଲ କରିଥିବା ଅଧ୍ୟାପକ ବା ଲେଖକ ଦିଗ୍‌ଦର୍ଶକ ହୋଇପାରିବେ। ବିଦ୍ୟାର୍ଥୀ ନିଜ ଅଧ୍ୟୟନ କେନ୍ଦ୍ରର ସଂଯୋଜକଙ୍କ ପରାମର୍ଶରେ ନିଜର ଦିଗ୍‌ଦର୍ଶକଙ୍କ ଚୟନ କରିପାରବେ।

## ୨.୧ ଦିଗ୍‌ଦର୍ଶକଙ୍କ ଭୂମିକା

ଜଣେ ଦିଗ୍‌ଦର୍ଶକ ବିଦ୍ୟାର୍ଥୀଙ୍କୁ ଗବେଷଣା ପ୍ରକଳ୍ପ ରଚନାରେ ସମସ୍ତ ପ୍ରକାର ପରାମର୍ଶ ପ୍ରଦାନ କରିବେ। ଦିଗ୍‌ଦର୍ଶକ ନିମ୍ନ ପ୍ରକାର ସହାୟତା ପ୍ରଦାନ କରିପାରିବେ :

- ଜଣେ ବିଦ୍ୟାର୍ଥୀଙ୍କୁ ଗବେଷଣା ପ୍ରକଳ୍ପ ଚୟନ, ଶୀର୍ଷକ ନିର୍ଣ୍ଣୟ, ଗବେଷଣା ପଦ୍ଧତି ମାଧ୍ୟମରେ ପ୍ରକଳ୍ପ ରଚନା ଆଦି ପ୍ରସଙ୍ଗ
- ଗବେଷଣା ପ୍ରକଳ୍ପ ରଚନା ସମୟରେ ଆସୁଥିବା ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରି ସମୟସୀମା ମଧ୍ୟରେ ପ୍ରକଳ୍ପ ରଚନାର ସମାପ୍ତି ଓ ଦାଖଲ
- ନିୟମିତ ଭାବରେ ଅଗ୍ରଗତି ସମୀକ୍ଷା
- ବିଦ୍ୟାର୍ଥୀଙ୍କୁ କପି ରାଇଟ୍ (Copyright Act) ନିୟମ ଓ ପ୍ଲାଗାରିଜମ ସମ୍ବନ୍ଧରେ ସଚେତନ କରାଇବା

## ୨.୨ ଜଣେ ବିଦ୍ୟାର୍ଥୀଙ୍କ ଦାୟିତ୍ୱ

- ଦିଗ୍‌ଦର୍ଶକଙ୍କ ନିୟମିତ ପରାମର୍ଶ ନେଇ ଗବେଷଣା ପ୍ରକଳ୍ପ କାର୍ଯ୍ୟ ଆଗକୁ ନେବା
- ଚୂଡ଼ାନ୍ତ ରଚନା ସମୟରେ ଦିଗ୍‌ଦର୍ଶକଙ୍କ ସାହାଯ୍ୟ ନେବା

## ୨.୩ ଅଧ୍ୟୟନ କେନ୍ଦ୍ରର ଭୂମିକା

- ଯୋଗ୍ୟ ଦିଗ୍‌ଦର୍ଶକଙ୍କ ତାଲିକା ପ୍ରସ୍ତୁତ କରିବା ଓ ବିଦ୍ୟାର୍ଥୀମାନଙ୍କୁ ଦିଗ୍‌ଦର୍ଶକଙ୍କ ସମ୍ମତି ପ୍ରଦାନରେ ସହାୟକ ହେବା
- ବିଶ୍ୱବିଦ୍ୟାଳୟର ନିୟମ ଅନୁସାରେ ବିଦ୍ୟାର୍ଥୀମାନଙ୍କ ଗବେଷଣାବିଧି ସଂପର୍କରେ ଶ୍ରେଣୀଗୃହ ପରାମର୍ଶ ପ୍ରଦାନ କରିବା।
- ଗବେଷଣା ପ୍ରକଳ୍ପର ଏକ ନମୁନା ଗ୍ରନ୍ଥାଗାରରେ ରଖିବା

## ୩.୦ ଗବେଷଣା ପ୍ରକଳ୍ପ ପ୍ରସ୍ତାବ

ଗବେଷଣା ପ୍ରକଳ୍ପ ପ୍ରସ୍ତାବ ଏକ ଗୁରୁତ୍ୱପୂର୍ଣ୍ଣ ଦଲୀଲ। ଏଥିରେ ଗବେଷଣା ପ୍ରକଳ୍ପର ସମସ୍ୟା, ସାରାଂଶ, ଶୀର୍ଷକ, ଗବେଷଣା ପଦ୍ଧତି, ଆଲୋଚନା / ରୂପାୟନ ହେବାକୁଥିବା ତଥ୍ୟାବଳୀ ସଂପର୍କରେ ଧାରଣା, ପରିଚ୍ଛେଦ ବିଭାଗୀକରଣ ଓ ଏହାର ଶୀର୍ଷକ, ସହାୟକ ଗ୍ରନ୍ଥସୂଚୀ, କ୍ଷେତ୍ର ଅଧ୍ୟୟନର ସ୍ଥାନ, ଉପସ୍ଥାପନ କରିବାକୁ ଥିବା ଦଲୀଲ, ସହାୟତା ନେବାକୁ ଯାଉଥିବା ଗ୍ରନ୍ଥାଗାର, ସାକ୍ଷାତ୍‌କାର ଦେବାକୁ ଥିବା ବ୍ୟକ୍ତି ବିଶେଷଙ୍କ ନାମ ଆଦି ସମସ୍ତ ତଥ୍ୟ ଏହି ପ୍ରସ୍ତାବରେ ଉଲ୍ଲିଖିତ ହେବ। ବିଶେଷତଃ କ୍ଷେତ୍ର ଅଧ୍ୟୟନ, ଆଞ୍ଚଳିକ ସଂସ୍କୃତି, ନିର୍ଦ୍ଦିଷ୍ଟ ପର୍ବ, ଧର୍ମଧାରା ବା ଧର୍ମପୀଠ, ଜନଜାତିଙ୍କ ନିର୍ଦ୍ଦିଷ୍ଟ ଭାଷା, ପର୍ବ ବା ଧର୍ମାଚାରକୁ ଗବେଷଣା ପ୍ରକଳ୍ପ ଭାବରେ ଗ୍ରହଣ କରାଯିବାକୁ ଅଗ୍ରାଧିକାର ଦିଆଯିବ। ଏହି ଗବେଷଣା ପ୍ରକଳ୍ପ ନିର୍ଦ୍ଦିଷ୍ଟ ଅଞ୍ଚଳ ବା ବିଷୟ (Micro) ଭିତ୍ତିକ ହେବା ବିଧେୟ। ବୃହତ୍ ପ୍ରସଙ୍ଗକୁ ବିଦ୍ୟାର୍ଥୀ ଗବେଷଣା ପ୍ରକଳ୍ପ ଭାବରେ ନେଇ ପାରିବେ ନାହିଁ।

ଗବେଷଣା ପ୍ରକଳ୍ପ ପ୍ରସ୍ତାବ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦିତ ହେବା ବାଞ୍ଛନୀୟ। ପ୍ରକଳ୍ପ ପ୍ରସ୍ତାବ ଅନୁମୋଦନ ବିନା ଗବେଷଣା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିବ ନାହିଁ।

## ୪.୦ ପ୍ରକଳ୍ପ ରଚନା ବିଧି

ନିମ୍ନଲିଖିତ ପ୍ରକାରେ ଗବେଷଣା ପ୍ରକଳ୍ପଟି ରଚିତ ଓ ଦାଖଲ ହେବ।

## ୪.୧ ଶୀର୍ଷକ ପୃଷ୍ଠା

ଶୀର୍ଷକ ପୃଷ୍ଠାରେ ଗବେଷଣା ପ୍ରକଳ୍ପର ଶୀର୍ଷକ ଓ ବିଦ୍ୟାର୍ଥୀଙ୍କ ପରିଚୟ ରହିବ। ଗବେଷଣା ପ୍ରକଳ୍ପର ଶୀର୍ଷକ ସଂକ୍ଷିପ୍ତ ହେବା ଆବଶ୍ୟକ।

## ୪.୨ ପ୍ରମାଣପତ୍ର

ଗବେଷଣା ପ୍ରକଳ୍ପରେ ଦିଗ୍‌ଦର୍ଶକଙ୍କ ପ୍ରମାଣପତ୍ର ସଂଲଗ୍ନ ହେବ। ଏହି ପ୍ରମାଣ ପତ୍ରରେ ଗବେଷକ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜଣେ ବିଦ୍ୟାର୍ଥୀ ଓ ଏହି ଗବେଷଣା ପ୍ରକଳ୍ପଟି ତାଙ୍କର ମୌଳିକ ରଚନା ଏବଂ ଏହା ପୂର୍ବରୁ ପ୍ରକାଶିତ ହୋଇନାହିଁ – ଏହା ପ୍ରମାଣପତ୍ରରେ ଉଲ୍ଲିଖିତ ହେବ।

## ୪.୩ ସ୍ୱୀକାରପତ୍ର

ବିଦ୍ୟାର୍ଥୀ ତାଙ୍କ ନିଜ ସ୍ୱୀକାରପତ୍ରରେ ତାହା ତାଙ୍କର ମୌଳିକ ରଚନା ଏବଂ ଏହା ଅନ୍ୟ କୌଣସି ପରୀକ୍ଷା ନିମିତ୍ତ ଦାଖଲ କରାଯାଇନାହିଁ ବା ପ୍ରକାଶିତ ହୋଇନାହିଁ ବୋଲି ଉଲ୍ଲେଖ କରିବେ।

## ୪.୪ କୃତଜ୍ଞତା

କୃତଜ୍ଞତା ପୃଷ୍ଠାରେ ବିଦ୍ୟାର୍ଥୀ ଗବେଷଣା ସମୟରେ ସାହାଯ୍ୟ ନେଇଥିବା ବ୍ୟକ୍ତିବିଶେଷ, ଅନୁଷ୍ଠାନ, ଗ୍ରନ୍ଥାଗାର ଆଦିର ସୂଚନା ପ୍ରଦାନ ପୂର୍ବକ ସେମାନଙ୍କୁ କୃତଜ୍ଞତା ଅର୍ପଣ କରିବେ।

## ୪.୫ ସାରମର୍ମ (Abstract)

ଗବେଷଣା ପ୍ରକଳ୍ପ ସହ ଗବେଷଣାର ସାରାଂଶ ତିନିଶହରୁ ତିନିଶହ ପଚାଶ ଶବ୍ଦ ମଧ୍ୟରେ ଲେଖି ବିଦ୍ୟାର୍ଥୀ ପ୍ରକଳ୍ପ ସହ ଦାଖଲ କରିବେ। ଏଥିରେ ଗବେଷଣାର ଉଦ୍ଦେଶ୍ୟ, ସମସ୍ୟା, ଉପସଂହାର, ଗବେଷଣା ପଦ୍ଧତି, ଗବେଷଣାର ଫଳାଫଳ, ଗବେଷଣାର ସମ୍ଭାବନା ସଂପର୍କରେ ଉଲ୍ଲେଖ ହେବ।

## ୪.୬ ସୂଚୀପତ୍ର

ଏହି ପୃଷ୍ଠାରେ ପରିଚ୍ଛେଦ, ଉପସଂହାର, ସହାୟକ ଗ୍ରନ୍ଥସୂଚୀ, ପରିଶିଷ୍ଟ ତଥା ପ୍ରକଳ୍ପରେ ସଂଲଗ୍ନ ଥିବା ବିଭିନ୍ନ ତଥ୍ୟ ଓ ଫଟୋଗ୍ରାଫ ସଂପର୍କରେ ଉଲ୍ଲେଖ ରହିବ।

## ୪.୭ ଉପକ୍ରମ

ଉପକ୍ରମରେ ପ୍ରକଳ୍ପର ସମସ୍ୟା, ଆଲୋଚନାର ବିଷୟ ପରିଚ୍ଛେଦ ବିଭାଗୀକରଣର ଯଥାର୍ଥତା, ପ୍ରକଳ୍ପ ରଚନାର ପଦ୍ଧତି, ଫଳାଫଳ ଆଦି ସଂପର୍କରେ ଉଲ୍ଲେଖ କରାଯିବ।

## ୪.୮ ପ୍ରସଙ୍ଗ ଆଲୋଚନା

ପ୍ରସଙ୍ଗ ଆଲୋଚନା ଗବେଷଣା ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଗବେଷକ ବିଭିନ୍ନ ତଥ୍ୟ ତଥା ସହାୟକ ଗ୍ରନ୍ଥ ସାହାଯ୍ୟରେ ପ୍ରକଳ୍ପର ସମସ୍ୟାଟିକୁ ବିଶ୍ଳେଷଣ କରିଥାଏ। କ୍ଷେତ୍ର ଅଧ୍ୟୟନରେ ସଂଗୃହୀତ ତଥ୍ୟ ମଧ୍ୟ ବିଶ୍ଳେଷଣ କରାଯାଏ। ପ୍ରକଳ୍ପର ସମସ୍ୟା ଯଦି ପୂର୍ବରୁ କେଉଁ ସ୍ଥାନରେ ଉଲ୍ଲେଖ ବା ଆଲୋଚନା କରାଯାଇଥାଏ, ତାହାକୁ ଏଠାରେ ଉଲ୍ଲେଖ କରାଯାଇ ଅଲୋଚନାକୁ ପୂର୍ଣ୍ଣାଙ୍ଗ ରୂପ ପ୍ରଦାନ କରାଯାଏ। ଏକାଧିକ ପରିଚ୍ଛେଦ ଥିଲେ, ପରିଚ୍ଛେଦ ପରିଚ୍ଛେଦ ମଧ୍ୟରେ ରହିଥିବା ସଂପର୍କକୁ ମଧ୍ୟ ସ୍ପଷ୍ଟ କରାଯାଏ। ଗବେଷଣା ପ୍ରକଳ୍ପରେ ଆଲୋଚନା କରାଯାଉଥିବା ସମସ୍ୟାର ପରିସର ଓ ବ୍ୟାପକତାକୁ ଦୃଷ୍ଟିରେ ରଖି ପ୍ରସଙ୍ଗ ଆଲୋଚନା କରାଯାଏ। ଏହି ଆଲୋଚନା ସ୍ପଷ୍ଟ ଓ ପରିଚ୍ଛନ୍ନ ହେବା ବିଧେୟ। ଗବେଷକ ଗବେଷଣା ପ୍ରକଳ୍ପ ପ୍ରସ୍ତାବରେ ଉଲ୍ଲେଖ କରିଥିବା ଉଦ୍ଦେଶ୍ୟ ଓ ଗବେଷଣା ପଦ୍ଧତିକୁ ଅନୁସରଣ କରି ଏହି ପ୍ରସଙ୍ଗ ଆଲୋଚନା କରିବେ।

## ୪.୯ ଗବେଷଣା ପଦ୍ଧତି

ଗବେଷଣା ପ୍ରକଳ୍ପ ପ୍ରସ୍ତାବରେ ଉଲ୍ଲେଖ କରାଯାଇଥିବା ଗବେଷଣା ପଦ୍ଧତି ଅନୁଯାୟୀ ତଥ୍ୟ ସଂଗ୍ରହ କରି ଏହାର ବିଶ୍ଳେଷଣ କରିବେ। ପ୍ରଶ୍ନାବଳୀ ସଂଗ୍ରହ ଅଥବା ସାକ୍ଷାତ୍କାର ଗ୍ରହଣ ଦ୍ୱାରା ଉପଲବ୍ଧ ତଥ୍ୟକୁ ପ୍ରସଙ୍ଗ ଆଲୋଚନାରେ ସଠିକ ସ୍ଥାନରେ ବିଶ୍ଳେଷଣ କରାଯିବ। ତଥ୍ୟ ସଂଗ୍ରହର ସୂତ୍ରକୁ ମଧ୍ୟ ଉଲ୍ଲେଖ କରାଯିବ।

## ୪.୧୦ ଫଳାଫଳ ବିଶ୍ଳେଷଣ / ନିଷ୍କର୍ଷ

ଗବେଷଣା ପ୍ରକଳ୍ପ ରଚନା ସମୟରେ ଏହାର ନିଷ୍କର୍ଷ ବା ଫଳାଫଳ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବ। ସଂଗୃହୀତ ତଥ୍ୟାବଳୀକୁ ବିଶ୍ଳେଷଣ କରି ଏହାର ନିଷ୍କର୍ଷ ପ୍ରତିପାଦନ କରାଯିବା ସମୟରେ ଏହାର ପ୍ରାସଙ୍ଗିକତା ଓ ସୁଦୂରପ୍ରସାରୀ ଗୁଣବତ୍ତାକୁ ଆଲୋଚନାରେ ପ୍ରାଧାନ୍ୟ ଦିଆଯିବ। ଗବେଷଣା ପ୍ରକଳ୍ପର ସଫଳତାର ଦିଗନ୍ତ ବ୍ୟାଖ୍ୟାନ ସହ ପ୍ରକଳ୍ପର ଦିଗନ୍ତ ଏହି ପ୍ରକାର ଆଲୋଚନାରେ ଉନ୍ମୋଚିତ ହୋଇଥାଏ।

## ୪.୧୧ ବିଶ୍ଳେଷଣ ଓ ଆଲୋଚନା

ଗବେଷକ ପ୍ରସଙ୍ଗ ଆଲୋଚନା ସମୟରେ ନିଜସ୍ୱ ଦୃଷ୍ଟିକୋଣକୁ ପ୍ରାଧାନ୍ୟ ଦେବେ। ଅନ୍ୟମାନଙ୍କ ବକ୍ତବ୍ୟକୁ ପ୍ରାଧାନ୍ୟ ନଦେଇ ନିଜସ୍ୱ ମୌଳିକ ଚିନ୍ତନ ମାଧ୍ୟମରେ ପ୍ରକଳ୍ପ ସମସ୍ୟାର ଆଲୋଚନା କରିବେ।

## ୪.୧୨ ଉପସଂହାର

ପ୍ରକଳ୍ପର ଉପସଂହାରରେ ପ୍ରକଳ୍ପରେ ଆଲୋଚନା କରାଯାଇଥିବା ପ୍ରସଙ୍ଗଗୁଡ଼ିକର ସାଂରାଶ ଉପସ୍ଥାପିତ ହେବ। ସମସ୍ୟାକୁ କିପରି ଭାବରେ ଆଲୋଚନା କରାଗଲା ଓ ଏହାର ନିଷ୍କର୍ଷ କଣ ବାହାରିଲା, ତାହା ଏଠାରେ ଉଲ୍ଲେଖ କରାଯିବ। ଏହା ସହିତ ଆଲୋଚିତ ହୋଇଥିବା ସମସ୍ୟାର ସମ୍ଭାବ୍ୟ ଆଲୋଚନା ଦିଗ। (Future areas of research) ଗୁଡ଼ିକର ଉଲ୍ଲେଖ ରହିବ। ଏହା ଅନ୍ୟ ଗବେଷକମାନଙ୍କ ନିମିତ୍ତ ମାର୍ଗଦର୍ଶିକା ହେବ।

## ୪.୧୩ ସହାୟକ ଗ୍ରନ୍ଥସୂଚୀ

ଗବେଷଣା ପ୍ରକଳ୍ପରେ ସଠିକ ଶୈଳୀରେ ସହାୟକ ଗ୍ରନ୍ଥସୂଚୀର ଉଲ୍ଲେଖ ରହିବା ଏକାନ୍ତ ବିଧେୟ। ପ୍ରକଳ୍ପର ଶେଷ ପର୍ଯ୍ୟାୟରେ ସହାୟକ ଗ୍ରନ୍ଥସୂଚୀର ଉଲ୍ଲେଖ ରହିଥାଏ। ଏଥି ନିମିତ୍ତ ମୁଖ୍ୟତଃ ଦୁଇଟି ବିଧି ଅନୁସୃତ ହୋଇଥାଏ :

(କ) ଆମେରିକାନ ସାଇକୋଲୋଜିକାଲ ଆସୋସିଏସନ (APA)

ଏହି ବିଧି ଅନୁଯାୟୀ ନିମ୍ନଲିଖିତ ଶୈଳୀରେ ସହାୟକ ଗ୍ରନ୍ଥସୂଚୀର ଉଲ୍ଲେଖ ରହିବ ;

ସାମନ୍ତରାୟ, ନଟବର (୧୯୬୪) ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦), ପ୍ରକାଶକ - ଶ୍ରୀମତୀ ଗଙ୍ଗାବାଈ ସାମନ୍ତରାୟ, ବାଣୀଭବନ, ସାମନ୍ତରାପୁର, ଭୁବନେଶ୍ୱର – ୭୫୧୦୦୨, ଓଡ଼ିଶା

(ଖ) ମଡ଼ର୍ଣ୍ଣ ଲାଙ୍ଗୁଏଜ୍ ଆସୋସିଏସନ୍ (MLA)

ସାମନ୍ତରାୟ, ନଟବର, ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩-୧୯୨୦), ପ୍ରକାଶକ - ଶ୍ରୀମତୀ ଗଙ୍ଗାବାଈ ସାମନ୍ତରାୟ, ବାଣୀଭବନ, ସାମନ୍ତରାପୁର, ଭୁବନେଶ୍ୱର – ୭୫୧୦୦୨, ୧୯୬୪

## ୪.୧୪ ପରିଶିଷ୍ଟ

ପରିଶିଷ୍ଟରେ ଗବେଷକ ବିଭିନ୍ନ ଦଲୀଲ, ଫଟୋଗ୍ରାଫ୍, ସାରଣୀ ଆଦି ସହାୟକ ତଥ୍ୟାବଳୀକୁ ସଂଲଗ୍ନ କରିବେ।

## ୫.୦ ପ୍ରକଳ୍ପ ଅଳଙ୍କରଣ ବିଧି

## ୫.୧ ପରିଚ୍ଛେଦ ବିଭାଗୀକରଣ

ପ୍ରକଳ୍ପଟି ୧୨୦୦୦ ଶବ୍ଦ ମଧ୍ୟରେ ରଚିତ ହେବ। ସହାୟକ ଗ୍ରନ୍ଥସୂଚୀ ଓ ପରିଶିଷ୍ଟରେ ଦିଆଯାଇଥିବା ସୂଚନା ଏହାର ଅନ୍ତର୍ଭୁକ୍ତ ନୁହେଁ। ଏହି ପ୍ରକଳ୍ପରେ ପ୍ରସଙ୍ଗର ଆବଶ୍ୟକତା ଅନୁଯାୟୀ ପରିଚ୍ଛେଦ ବିଭାଗୀକରଣ ଓ ଏହାର ଶୀର୍ଷକ ପ୍ରଦାନ କରାଯିବ।

## ୫.୨ ଲିଖନ ଶୈଳୀ

ପ୍ରକଳ୍ପଟି ଆକୃତିର ୧୬ ଫଣ୍ଟରେ ପୃଷ୍ଠାର ଗୋଟିଏ ପାଶ୍ୱରେ ଟାଇପ୍ ହେବା ବିଧେୟ। ପ୍ରତ୍ୟେକ ଧାଡ଼ି ମଧ୍ୟରେ ୧.୫ ବ୍ୟବଧାନ ରହିବ।

## ୬.୦ ପ୍ରକଳ୍ପ ଦାଖଲର ତାରିଖ

- ଜାନୁଆରୀ ମାସରେ ନାମଲେଖାଇଥିବା ବିଦ୍ୟାର୍ଥୀଙ୍କ ନିମିତ୍ତ : ସେପ୍ଟେମ୍ବର ମାସ ୨୫ ତାରିଖ ମଧ୍ୟରେ (ଚତୁର୍ଥ ସେମିଷ୍ଟାର)
- ଜୁଲାଇ ମାସରେ ନାମଲେଖାଇଥିବା ବିଦ୍ୟାର୍ଥୀଙ୍କ ନିମିତ୍ତ : ଅପ୍ରେଲ ମାସ ୨୫ ତାରିଖ (ଚତୁର୍ଥ ସେମିଷ୍ଟାର) ନିର୍ଦ୍ଧିଷ୍ଟ ତାରିଖ ମଧ୍ୟରେ ପ୍ରକଳ୍ପ ଦାଖଲ ନହେଲେ ତାହା ସେହି ଶିକ୍ଷାବର୍ଷର ରେଜଲ୍ଟରେ ଫଳାଫଳ ପ୍ରକାଶ ହେବନାହିଁ।

## ୭.୦ ପ୍ରକଳ୍ପ ରଚନା ନିମିତ୍ତ ନୈତିକତା ଓ ବିଧି

ଗବେଷକ ଗବେଷଣା ପ୍ରକଳ୍ପ ରଚନା ସମୟରେ କୌଣସି ରଚନାକୁ ଚୋରୀ କରି ନିଜ ପ୍ରକଳ୍ପରେ ସନ୍ନିବେଶିତ କରିପାରିବେ ନାହିଁ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ଲାଗାରିଜିମ୍ (Plagarism) କୁ ଆଦୌ ପ୍ରଶୟ ଦିଏ ନାହିଁ। ଇଣ୍ଟରନେଟରୁ ଡାଉନଲୋଡ଼ କରି ତାହାକୁ ପ୍ରକଳ୍ପରେ ବ୍ୟବହାର କରାଯାଇପାରିବ ନାହିଁ। ଗବେଷକ ତାଙ୍କ ପ୍ରକଳ୍ପର ଏକ ହାର୍ଡ୍ କପି ସହ ଏକ ସଫ୍ଟ କପି ମଧ୍ୟ ଦାଖଲ କରିବେ।

## ୮.୦ ପ୍ରକଳ୍ପ ମୂଲ୍ୟାଙ୍କନ ବିଧି

ଗବେଷଣା ପ୍ରକଳ୍ପଟିକୁ ନିମ୍ନଲିଖିତ ବିଧିମତେ ମୂଲ୍ୟାଙ୍କନ କରାଯିବ :

(କ) ଗବେଷକଙ୍କ ମୌଳିକ ଦୃଷ୍ଟିକୋଣ

(ଖ) ଉପଲବ୍ଧ ତଥ୍ୟର ସଫଳ ବ୍ୟବହାର

(ଗ) ଗବେଷଣା ପଦ୍ଧତିର ବ୍ୟବହାର

(ଘ) ତଥ୍ୟର ବିଶ୍ଳେଷଣ

(ଙ) ତଥ୍ୟର ପ୍ରସଙ୍ଗ ଉପସ୍ଥାପନ

ଗବେଷଣା ପ୍ରକଳ୍ପରେ ଗବେଷକଙ୍କ ଭାଷା ବ୍ୟବହାର ତଥା ପରିଚ୍ଛନ୍ନ ଭାବ ପ୍ରକାଶକ ଶୈଳୀକୁ ମଧ୍ୟ ବିଚାରକୁ ନିଆଯିବ ।

## ୯.୦ ଗବେଷଣା ପ୍ରକଳ୍ପର ନମୁନା ଶୀର୍ଷକ

୧ – ଓଡ଼ିଶାର ଶିଳାଲେଖ ସାହିତ୍ୟ : (କ) ଉରଜାମ ଶିଳାଲେଖ : ଏକ ଅଧ୍ୟୟନ (ଖ) ନବିନା ଶିଳାଲେଖ : ଏକ ଅଧ୍ୟୟନ

୨ – ଓଡ଼ିଶାର ଗୁମ୍ଫାଚିତ୍ର : ଉଷାକୋଠି, ଉଲଫଗଡ଼

୩ – ଜନଜାତିର ଭାଷା – ସାନ୍ତାଳ, ବଣ୍ଡା, ହୋ, ମୁଣ୍ଡା, ଭୂମିଜ

୪– ମାଘେ ପରବ, ପୁଷ ପୁନେଇଁ, ନୂଆଖାଇ

୫ – ଡାଲଖାଇ ନାଚ, କରମା ନାଚ

୬ – ରାମଲୀଳା, କୃଷ୍ଣଲୀଳା

୭ – ଓଡ଼ିଶାର ଶୈବ ପୀଠ : ଭୁବନେଶ୍ୱର

୮ – ବୈତରଣୀ ସଭ୍ୟତା : ଯାଜପୁର

୯ – ରଥଯାତ୍ରା : ସୁନାବେଶ

୧୦ – ଆଧୁନିକ ସାହିତ୍ୟରେ ପରିବେଶ ଚେତନା : ଗଙ୍ଗାଧରଙ୍କ ତପସ୍ୱିନୀ ଏକ ଅଧ୍ୟୟନ

୧୧ – ରାଧାନାଥଙ୍କ ସୌନ୍ଦର୍ଯ୍ୟବୋଧ : କେଦାରଗୌରୀ ଏକ ଅଧ୍ୟୟନ

୧୨ – ଗଙ୍ଗାଧରଙ୍କ କାବ୍ୟଦୃଷ୍ଟି : କୀଚକବଧ / ପ୍ରଣୟବଲ୍ଲରୀ / ତପସ୍ୱିନୀ

୧୩ – ମହିମାଧର୍ମ ଓ ଭୀମଭୋଇ

୧୪ – ନୃସିଂହନାଥ - ଏକ ପର୍ଯ୍ୟଟନ ସମ୍ଭାବନା

୧୫ – ଓଡ଼ିଆ ନାଥସାହିତ୍ୟ : ଗୋରଖନାଥଗୀତା ଏକ ଅଧ୍ୟୟନ

୧୬ – ସୁବର୍ଣ୍ଣପୁର ଓ ବୌଦ୍ଧଧର୍ମ

୧୭ – ସମ୍ବଲପୁରୀ ସାହିତ୍ୟ ଓ କବି ହଲଧର ନାଗ

୧୮ – ସମ୍ବଲପୁରୀ ଭାଷାର ଲକ୍ଷଣ

୧୯ - ପଶ୍ଚିମାଞ୍ଚଳର ବୟନଶିଳ୍ପ ସଂସ୍କୃତି : ବରଗଡ଼ ଏକ କ୍ଷେତ୍ର ଅଧ୍ୟୟନ

୨୦ - ଦକ୍ଷିଣାଞ୍ଚଳୀୟ ଉପଭାଷା : ଦେଶିଆ

## ୧୦.୦ ଶୀର୍ଷକ ପୃଷ୍ଠାର ନମୂନା

### (ପ୍ରକଳ୍ପର ଶୀର୍ଷକ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶାର ସ୍ନାତକୋତ୍ତର ଓଡ଼ିଆ କାର୍ଯ୍ୟକ୍ରମ ଡ଼ିଗ୍ରୀ (ଶିକ୍ଷାବର୍ଷ -୨୦୨୦) ନିମିତ୍ତ ଏହି ପ୍ରକଳ୍ପଟିର ସମସ୍ତ ଯୋଗ୍ୟତା ରହିଛି।

ଉପସ୍ଥାପକ :
ନାମ :
ରୋଲନମ୍ବର :

ଦିଗ୍‌ଦର୍ଶକଙ୍କ ନାମ ଓ ପଦବୀ
ଦାଖଲ କରିବାର ତାରିଖ :

# ପ୍ରମାଣ ପତ୍ର

'ଶୀର୍ଷକର ନାମ' ଶୀର୍ଷକ ଗବେଷଣା ପ୍ରକଳ୍ପଟି ମୋର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ନାତକୋତ୍ତର ଓଡ଼ିଆ କାର୍ଯ୍ୟକ୍ରମର ବିଦ୍ୟାର୍ଥୀ ଶ୍ରୀ/ କୁମାରୀ/ ଶ୍ରୀମତୀ ........... ରୋଲ ନମ୍ବର ........... ଦ୍ୱାରା ପ୍ରସ୍ତୁତ କରାଯାଇଛି।

ଏହା ଶ୍ରୀ/ ଶ୍ରୀମତୀ/ କୁମାରୀ .......... ଙ୍କ ଏକ ମୌଳିକ ରଚନା ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା ଦ୍ୱାରା ଓଡ଼ିଆ ସ୍ନାତକୋତ୍ତର ଡ଼ିଗ୍ରୀ ପ୍ରଦାନର ଯୋଗ୍ୟତା ରଖେ।

ମୋର ଜ୍ଞାତସାରରେ ଏହା ବିଦ୍ୟାର୍ଥୀଙ୍କ ଦ୍ୱାରା ଅନ୍ୟ କୌଣସି ପରୀକ୍ଷାର ଡ଼ିଗ୍ରୀ ନିମିତ୍ତ ଦାଖଲ କରାଯାଇନାହିଁ। ଏହାର ମୂଲ୍ୟାଙ୍କନ ନିମିତ୍ତ ମୁଁ ଅନୁମୋଦନ କରୁଛି।

ଦିଗ୍‌ଦର୍ଶକଙ୍କ ସ୍ୱାକ୍ଷର
ନାମ ଓ ପଦବୀ

# ସ୍ୱୀକାରୋକ୍ତି

ଏହା ଦ୍ୱାରା ମୁଁ ଘୋଷଣା କରୁଛି, ଯେ ........... ଶୀର୍ଷକ ଗବେଷଣା ପ୍ରକଳ୍ପଟି ମୋର ମୌଳିକ ରଚନା ଏବଂ ଏହା ଡକ୍ଟର ........... ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ କରାଯାଇଛି। ଅନ୍ୟ କୌଣସି ପରୀକ୍ଷା ବା ଡ଼ିଗ୍ରୀ ନିମିତ୍ତ ଏହି ପ୍ରକଳ୍ପଟିକୁ ମୁଁ ଦାଖଲ କରିନାହିଁ।

ବିଦ୍ୟାର୍ଥୀଙ୍କ ସ୍ୱାକ୍ଷର :

ନାମ :

ରୋଲନମ୍ବର :

# କୃତଜ୍ଞତା ଜ୍ଞାପନ

ବିଦ୍ୟାର୍ଥୀଙ୍କ ସ୍ୱାକ୍ଷର

ତାରିଖ :